The Odisha Gazette

EXTRAORDINARY

PUBLISHED BY AUTHORITY

No. 1837 CUTTACK, FRIDAY, OCTOBER 21, 2016/ASWINA 29, 1938

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଘୋଷଣା

ତାରିଖ 15 ସେପ୍ଟେମ୍ବର 2016

ସଂଖ୍ୟା 28435—RDM-LAB-KPT-0008/2014—ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୮ର ଅଧିନିୟମ (୨) ଅନୁଯାୟୀ କୋରାପୁଟ ଜିଲ୍ଲାର ମୌଜା ସୌରାଗୁଡା, ଗ୍ରାମପଞ୍ଚାୟତ ଉମୁରି, ତହସିଲ ଜୟପୁର, ଜିଲ୍ଲା କୋରାପୁଟ ଓ ମୌଜା ଗାଗନାପୁର, ପଞ୍ଚାୟତ ଏକାମ୍ବା, ତହସିଲ ଜୟପୁର, ଜିଲ୍ଲା କୋରାପୁଟରେ ଏକ ସାର୍ବଜନିନ ଉଦ୍ଦେଶ୍ୟରେ ଯଥା କୋରାପୁଟ ଜିଲ୍ଲାର ଜୟପୁରଠାରେ ଉଡାଜାହାଜ ପଡିଆର ସମ୍ପ୍ରସାରଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି ମଣ୍ଡଳ, ଜୟପୁରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବା ନିମ୍ନ ସୂଚିତ "କ" ତଫସିଲ ଜମି ନିମନ୍ତେ ଜିଲ୍ଲାପାଳ, କୋରାପୁଟଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟକୁ ତର୍ଜମା କରି ସରକାରଙ୍କ ଦ୍ୱାରା ନିମ୍ନୋକ୍ତ ନିଷ୍ପତ୍ତି ନିଆଗଲା ।

୧ । ଜିଲ୍ଲାପାଳ, କୋରାପୁଟଙ୍କ ପ୍ରଦତ୍ତ ସାମାଜିକ ପ୍ରଭାବ ମୂଲ୍ୟାୟନ ଅନୁଧ୍ୟାନ ବିବରଣୀରୁ ଏହା ଉଦ୍ଧୃତ ଯେ କୋରାପୁଟ ଜିଲ୍ଲାର ଜୟପୁରଠାରେ ବିମାନ ଧାବକ ପଟିର ସମ୍ପ୍ରସାରଣ ନିମନ୍ତେ ୧୪.୩୧ ଏକର ବେସରକାରୀ ଜମି ଏବଂ ୧୪.୦୫ ସରକାରୀ ଜମିର ଆବଶ୍ୟକତା ରହିଅଛି । ବିମାନ ଧାବକ ପଟିର ସମ୍ପ୍ରସାରଣ ପରେ ୫୦ ଆସନ ବିଶିଷ୍ଟ ବିମାନ ସେଠାରୁ ଅବତରଣ ଏବଂ ଉଡାଣ କରିପାରିବ । ଉକ୍ତ ଜମି ଅଧିଗ୍ରହଣ ଦ୍ୱାରା ୨୩ଟି ପରିବାର ପ୍ରଭାବିତ ହେବେ, ତନ୍ମଧ୍ୟରୁ ୩ଟି ପରିବାର ୧ ଏକରରୁ କମ ଜମି ରହିଯିବ । ଉକ୍ତ ପରିବାରମାନେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ ଅନୁସାରେ କ୍ଷତିପୂରଣ ପାଇବେ ।

୨ । ଗ୍ରାମ୍ୟ ରାସ୍ତା ନିର୍ମାଣ, ପୋଖରି ଖନନ, ମଶାଣି, ଧାର୍ମିକ ସ୍ଥଳ, ଶ୍ମଶାନ ନିମନ୍ତେ ବଦଳି ଜମି ଯୋଗାଇ ଦିଆଯିବ ।

୩ । ଜମି ଅଧିଗ୍ରହଣ ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧ ଓ ଅଧିନିୟ (୧) ଅନୁଯାୟୀ ପ୍ରକାଶ ପାଇଥିବା ଅଧିସୂଚନା ତାରିଖ ଦିନକୁ ମାପକାଠିଭାବେ ବିଚାର କରାଯାଇ ଉକ୍ତ ଜମିର ବଜାର ଦର (Market Value) ନିର୍ଦ୍ଧାରଣ କରାଯିବ ।

୪ । ଓଡ଼ିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ ର ନିୟମ ୪୦ ଅନୁଯାୟୀ ଦୋଫସଲି ଜଳସେଚିତ ଜମି ଅଧିକରଣ କ୍ଷେତ୍ରରେ ଜମିହରାଙ୍କୁ ସମାନ ପରିମାଣର ଜମି ଯୋଗାଇ ଦେବାର ବ୍ୟବସ୍ଥା ରହିଛି, ମାତ୍ର ପ୍ରସ୍ତାବିତ ଜମି ଅଣଜଳସେଚିତ ଏବଂ ଜମିହରାମାନଙ୍କୁ ସଠିକ ତଥା ନିର୍ଦ୍ଧାରିତ କ୍ଷତିପୂରଣ ଯୋଗାଇ ଦିଆଯିବାର ବ୍ୟବସ୍ଥା ଥିବାରୁ ସମାନ ପରିମାଣର ଜମି ଯୋଗାଇ ଦେବା ଗ୍ରହଣଯୋଗ୍ୟ ନୁହେଁ । ମାତ୍ର, ଉପରୋକ୍ତ କ୍ରମିକ ସଂଖ୍ୟା ୨ରେ ଘୋଷଣା କରାଯାଇଥିବା ସାମ୍ପ୍ରଦାୟିକ ତଥା କୋଠ ଜମି ଅନୁସୂଚିତ ଜାତିର ଲୋକମାନଙ୍କ ପାଇଁ ପୋଖରୀ, ଧାର୍ମିକ ସ୍ଥାନ ପ୍ରତିବଦଳରେ ଜମି ଯୋଗାଇ ଦିଆଯିବ ।

୫ । ସୌରାଗୁଡା ଗ୍ରାମର ଜଳ ନିଷ୍କାସନ ଓ ବିମାନ ଧାବକ ପଟିର ଚାରିପାର୍ଶ୍ୱରେ ବୃକ୍ଷରୋପଣ ନିମନ୍ତେ କୋରାପୁଟ ଜିଲ୍ଲାପାଳଙ୍କ ପ୍ରସ୍ତାବ ଗ୍ରହଣ କରାଗଲା ।

ଓଡ଼ିଶା ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ ର ନିୟମ ୧୭ ଅନୁଯାୟୀ ରାଜ୍ୟସରକାରଙ୍କ ଦ୍ୱାରା ଜିଲ୍ଲାପାଳ ଏବଂ ବିଶେଷଜ୍ଞ ଗୋଷ୍ଠି ରିପୋର୍ଟକୁ ପରୀକ୍ଷା କରି ନିୟମ ୧୫ ଅନୁସାରେ ଓଡ଼ିଆ ଭାଷାରେ ଅନୁରୂପ ଭାବରେ ଉପସ୍ଥାପିତ କରାଗଲା । ଏହାପରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ ର ଧାରା ୧୧ ର ଅଧିନିୟମ (୧) ରେ ଘୋଷଣା ପାଇଁ ପ୍ରୟୋଜନ କରାଯିବ ।

**ତଫସିଲ – 'କ'**

( ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )

| ଗ୍ରାମର ନାମ ୧ | ଗ୍ରାମାଞ୍ଚଳ/ ସହରାଞ୍ଚଳ ୨ | ଖାତା ନଂ. ୩ | ପ୍ଲଟ୍ ନଂ. ୪ | କିସମ ୫ | ପ୍ଲଟ୍‌ର ମୋଟ ରକବା ୬ | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା ୭ | ରୟତଙ୍କ ନାମ ୮ |
|---|---|---|---|---|---|---|---|
| ସୌରାଗୁଡା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | | ଏ. ୧୪.୧୭୦ | ଏଥିସହିତ ସଂଲଗ୍ନ |
| ଗାଗନାପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | | ଏ. ୦.୨୬ | ଏଥିସହିତ ସଂଲଗ୍ନ |

**ଭୂମି ଅନୁସୂଚୀ**

| ଖାତା ନଂ. (୧) | ପ୍ଲଟ ନଂ. (୨) | ପ୍ଲଟର ମୋଟ ରକବା (୩) ଏକର | ଭୂ–ଅର୍ଜନ ହେବାକୁ ଥିବା ରକବା (୪) ଏକର | ରୟତର ନାମ (୫) |
|---|---|---|---|---|
| ୭୫/୧୯୭ | ୬୨/୫୯୬ | ୨.୫୨ | ୧.୦୬ | ହରିହର ନାୟକ, ପି. ମିନକେତନ ନାୟକ, ସଉରାଗୁଡା । |
| ୩୦ | ୧୩୬ | ୨.୨୫ | ୨.୨୫ | ପରମାନନ୍ଦ ସଉରା, ପି. ଦେବ ସଉରା, ସଉରାଗୁଡା |
| ୭୫/୪୦ | ୧୩୬/୩୪୩ | ୦.୭୫ | ୦.୧୪ | ମିନକେତନ ନାୟକ, ପି. ମଧୁ ସଉରା, ସଉରାଗୁଡା |
| ୭୫/୪୦ | ୧୩୭ | ୦.୫୭ | ୦.୧୦ | ମିନକେତନ ନାୟକ, ପି. ମଧୁ ସଉରା, ସଉରାଗୁଡା |
| ୩୧ | ୬୫ | ୦.୭୭ | ୦.୭୦ | ପରମାନନ୍ଦ ସଉରା, ପି. ଦେବ ସଉରା, ସଉରାଗୁଡା |
| ୭୪ | ୧୩୪ | ୦.୮୨ | ୦.୪୧ | ସାନ ହରିବନ୍ଧୁ ସଉରା, ଗଙ୍ଗାଧର ସଉରା, ଡମ୍ବରୁ ସଉରା, ଖଗପତି ସଉରା, କମଲୁ ସଉରା, ପି. କୁସୁମ ସଉରା, ସଉରାଗୁଡା । |
| ୨୪ | ୧୩୩ | ୩.୩୪ | ୦.୧୫ | ନନ୍ଦ ସଉରା, ପି. ହରିକୃଷ୍ଣ ସଉରା, ସଉରାଗୁଡା |
| ୩୮ | ୧୩୧ | ୨.୯୭ | ୨.୨୦ | ବଳି ସଉରା ଓ ନରସିଙ୍ଗ ସଉରା, ପି. ଭଗବାନ ସଉରା, ସଉରାଗୁଡା । |
| ୩୮ | ୧୧୮ | ୬.୫୪ | ୪.୨୪ | ବଳି ସଉରା ଓ ନରସିଙ୍ଗ ସଉରା, ପି. ଭଗବାନ ସଉରା, ସଉରାଗୁଡା । |
| ୩୮ | ୧୨୨ | ୧.୪୪ | ୦.୦୩ | ବଳି ସଉରା ଓ ନରସିଙ୍ଗ ସଉରା, ପି. ଭଗବାନ ସଉରା, ସଉରାଗୁଡା । |

| (୧) | (୨) | (୩) | (୪) | (୫) |
|---|---|---|---|---|
| | | ଏକର | ଏକର | |
| ୭୫/୪୯୪ | ୧୧୭ | ୦.୨୫ | ୦.୩୭ | ବିରେନ୍ଦ୍ର କୁମାର ପଟନାୟକ, ପି. ନନ୍ଦ କିଶୋର ପଟନାୟକ, ପାରିନଳା ସାହି, ଜୟପୁର । |
| ୧୮ | ୧୨୩ | ୨.୭୮ | ୨.୩୦ | ଡମ୍ବୁରୁ ସଉରା, ଗୋରା ସଉରା, ପି. ଲକ୍ଷ୍ମଣ ସଉରା, ପିତାମ୍ବର ସଉରା, ପି. ଚନ୍ଦ୍ର ସଉରା, ସଉରାଗୁଡା । |
| ୭୫/୫୮ | ୧୨୭ | ୦.୯୨ | ୦.୧୦ | ରୂପା ପରଜା, ପି. ବନ୍ଧୁ ପରଜା, ସଉରାଗୁଡା |
| ୭୫/୬୭୮ | ୧୧୭/୩୩୦ | ୦.୨୬ | ୦.୧୨ | ପ୍ରତ୍ୟୁଷ ପଟନାୟକ, ପି. ପ୍ରଭାତ କୁମାର ପଟନାୟକ, ମାଦଳା ସାହି, ଜୟପୁର । |
| ୨୫ | ୩୧୬ | ୩.୨୭ | ୦.୨୦ | ଜାନକୀ ସଉରାଣୀ, ବୈଦେହୀ ସଉରାଣୀ, ପି. ରାମ ସଉରା, ସଉରାଗୁଡା । |
| ୨୫ | ୩୧୭ | ୮.୦୮ | ୦.୦୬ | ଜାନକୀ ସଉରାଣୀ, ବୈଦେହୀ ସଉରାଣୀ, ପି. ରାମ ସଉରା, ସଉରାଗୁଡା । |
| | ମୋଟ .. | ୩୭.୫୩ | ୧୪.୪୩ | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ସଂଗ୍ରାମ କେଶରୀ ମହାପାତ୍ର**

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1257—173+20